# ଭାରତର ପ୍ରଧାନମନ୍ତ୍ରୀ ଏବଂ ଇସ୍ରାଏଲର ପ୍ରଧାନମନ୍ତ୍ରୀ ମଧ୍ୟରେ ସାକ୍ଷାତ ଆଲୋଚନା (ଫେବୃୟାରୀ 26, 2026)

ଫେବୃୟାରୀ 26, 2026

ଇସ୍ରାଏଲକୁ ତାଙ୍କର ଔପଚାରିକ ଗସ୍ତ ସମୟରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଫେବୃୟାରୀ 26, 2026 ରେ ଜେରୁଜେଲମ୍ ଠାରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ଶ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ସହ ଆନୁଷ୍ଠାନିକ ଆଲୋଚନା କରିଥିଲେ।

2. ଦୁଇ ପ୍ରଧାନମନ୍ତ୍ରୀ ଭାରତ-ଇସ୍ରାଏଲ ଭାଗିଦାରୀର ସମ୍ପୂର୍ଣ୍ଣ କ୍ଷେତ୍ର ବାବଦରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଦୁଇ ଦେଶ ମଧ୍ୟରେ ଥିବା ଗଭୀର ବିଶ୍ୱାସ ଓ ବନ୍ଧୁତ୍ୱର ପ୍ରଦର୍ଶନ ପୂର୍ବକ ନେତାଦ୍ୱୟ ଦ୍ୱିପାକ୍ଷିକ ସମ୍ପର୍କକୁ "ଶାନ୍ତି, ନବସୃଜନ ଓ ସମୃଦ୍ଧି ପାଇଁ ଏକ ବିଶେଷ ରଣନୈତିକ ଭାଗିଦାରୀ" ରେ ପରିଣତ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ସମ୍ବନ୍ଧର ଘନିଷ୍ଠତା ବୃଦ୍ଧି ଏକ ସୁରକ୍ଷିତ ଓ ସମୃଦ୍ଧ ଭବିଷ୍ୟତ ପାଇଁ ଉଭୟ ଦେଶର ସ୍ୱାର୍ଥ ଓ ଅଂଶୀଦାର ସମନ୍ୱୟର ଏକ ପ୍ରତୀକ ଅଟେ।

3. ଦୁଇ ନେତା ସମସ୍ତ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗରେ ହୋଇଥିବା ଅଗ୍ରଗତି ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ବାଣିଜ୍ୟ ଓ ନିବେଶ, ପ୍ରତିରକ୍ଷା ଓ ସୁରକ୍ଷା, ମହାକାଶ, ଶକ୍ତି, ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତି, ସାଇବର ସୁରକ୍ଷା, ଶିକ୍ଷା, ବୈଜ୍ଞାନିକ ଗବେଷଣା ଓ ଅଭିନବତା କ୍ଷେତ୍ରରେ ସହଯୋଗକୁ ଅଧିକ ବିସ୍ତୃତ କରିବା ପାଇଁ ସହମତ ହୋଇଥିଲେ। ସେମାନେ କୃଷି, ଜଳ ପ୍ରବନ୍ଧନ, ଷ୍ଟାର୍ଟଅପ୍, ଫିନଟେକ୍, ଡିଜିଟାଲ୍ ସ୍ୱାସ୍ଥ୍ୟସେବା, ଜୈବପ୍ରଯୁକ୍ତି ଏବଂ ଅଗ୍ରଣୀ ଫାର୍ମା କ୍ଷେତ୍ରରେ ଭାରତ-ଇସ୍ରାଏଲ ଭାଗୀଦାରୀର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଦୁଇ ନେତା ଗତିଶୀଳତା ଭାଗୀଦାରୀକୁ ବିସ୍ତାର କରିବା ପାଇଁ ନୂଆ ପଦକ୍ଷେପକୁ ସ୍ୱାଗତ କରିଥିଲେ, ଯାହା ଉଭୟ ଦେଶର ଜନସାଧାରଣଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କକୁ ଆହୁରି ଅଧିକ ବୃଦ୍ଧି କରିବ। ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ରାଜିନାମାର ଶୀଘ୍ର ସମାପ୍ତି ପାଇଁ ଆଶା ପ୍ରକାଶ କରି ସେମାନେ ଉଲ୍ଲେଖ କରିଥିଲେ ଯେ ଭାରତ ଏବଂ ଇସ୍ରାଏଲ୍ ମଧ୍ୟରେ ଦ୍ୱିପାକ୍ଷିକ ନିବେଶ ଚୁକ୍ତି, ଭାରତ-ଇସ୍ରାଏଲ ଇନୋଭେସନ୍ ବ୍ରିଜ୍, ଭାରତ-ଇସ୍ରାଏଲ୍ ଇନୋଭେସନ୍ ସେଣ୍ଟର୍ ଫର୍ ଏଗ୍ରିକଲଚର୍ ଏବଂ ଭାରତ-ଇସ୍ରାଏଲ୍ R&D ଏବଂ ଇନୋଭେସନ୍ ଫଣ୍ଡ ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ, ଔଦ୍ୟୋଗୀକ ଓ ବୈଜ୍ଞାନିକ ସହଯୋଗକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ। ସେମାନେ AI, ସେମିକଣ୍ଡକ୍ଟର, କ୍ୱାଣ୍ଟମ୍ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ପ୍ରଯୁକ୍ତି କ୍ଷେତ୍ରରେ ଅଧିକ ସହଯୋଗ ପାଇଁ ମଧ୍ୟ ଆଶା ପ୍ରକାଶ କରିଥିଲେ, ଯାହା ଭାରତର ପ୍ରତିଭାଶାଳୀ କର୍ମଚାରୀ ଓ ଇସ୍ରାଏଲ୍ ର ଅଭିନବତାକୁ ସମନ୍ୱିତ କରିବ।

4. ଦୁଇ ନେତା ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରିଥିଲେ। ଭାରତର ପ୍ରଧାନମନ୍ତ୍ରୀ ଗାଜା ଶାନ୍ତି ଯୋଜନା ପାଇଁ ନିଜର ସମର୍ଥନ ଜଣାଇଥିଲେ ଏବଂ ଆଶା ରଖିଥିଲେ ଯେ ଏହି ପଦକ୍ଷେପ ସେହି ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ଆଣିବାରେ ସହାୟକ ହେବ। ଦୁଇ ନେତା IMEC ଏବଂ I2U2 ପଦକ୍ଷେପ ଉପରେ ଦୁଇ ଦେଶ ମଧ୍ୟରେ ନିବିଡ଼ ସହଯୋଗ ପାଇଁ ମଧ୍ୟ ଆଶା ପ୍ରକାଶ କରିଥିଲେ। ଆତଙ୍କବାଦ ବିପକ୍ଷରେ ବିଶ୍ୱସ୍ତରୀୟ ସଂଗ୍ରାମକୁ ଦୃଢ଼ କରିବା

ପାଇଁ ସେମାନେ ନିଜ ନିଜର ସଂକଳ୍ପ ମଧ୍ୟ ବ୍ୟକ୍ତ କରିଥିଲେ। ଆତଙ୍କବାଦ ବିରୋଧରେ ଭାରତର ସଂଗ୍ରାମରେ ଇସ୍ରାଏଲ ଦ୍ୱାରା ପ୍ରଦାନ କରାଯାଇଥିବା ସମର୍ଥନ ପାଇଁ ଭାରତର ପ୍ରଧାନମନ୍ତ୍ରୀ ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କୁ ଧନ୍ୟବାଦ ଜଣାଇଥିଲେ।

5. ସେମାନଙ୍କର ଆଲୋଚନା ପରେ ଦୁଇ ଦେଶ ମଧ୍ୟରେ ଅନେକ ବୁଝାମଣାପତ୍ର ଆଦାନ-ପ୍ରଦାନ ହୋଇଥିଲା। [Link]। ଏହି ରାଜକୀୟ ଗସ୍ତ ଅବସରରେ ଦ୍ୱିପାକ୍ଷିକ ଭାଗିଦାରୀ ପାଇଁ ଭବିଷ୍ୟତ କାର୍ଯ୍ୟପଦ୍ଧତିର ରୂପରେଖା ପ୍ରସ୍ତୁତି ପାଇଁ ଏକ ମିଳିତ ବିବୃତ୍ତି ଗ୍ରହଣ କରାଯାଇଥିଲା [Link]।

6. ଭାରତର ପ୍ରଧାନମନ୍ତ୍ରୀ ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କୁ ତାଙ୍କର ସହୃଦୟତା ଏବଂ ଆତିଥେୟତା ପାଇଁ ଧନ୍ୟବାଦ ଜଣାଇଥିଲେ।

ଜେରୁଜେଲମ୍

ଫେବୃୟାରୀ 26, 2026